# ଭା.କୃ.ଅ.ନୁ.ପ.- କେନ୍ଦ୍ରୀୟ କପା ଗବେଷଣା ପ୍ରତିଷ୍ଠାନ,ନାଗପୁର
## କପାଚାଷ ପାଇଁ X(ଦଶମ) ସାପ୍ତାହିକ ପରାମର୍ଶ

| ODISHA | | ପୂର୍ବସପ୍ତାହରେବାସ୍ତବିକବର୍ଷା(ମିମି) | | | | | ଆଗାମୀ ସପ୍ତାହରେ ଆନୁମାନିକ ବର୍ଷା(ମିମି) | | | | |
|---|---|---|---|---|---|---|---|---|---|---|---|
| | | ଅଗଷ୍ଟ | | | | | ଅଗଷ୍ଟ | | | | |
| | | 06 | 07 | 08 | 09 | 10 | 12 | 13 | 14 | 15 | 16 |
|  | କୋରାପୁଟ | 0 | 7.5 | 17 | 2.7 | 4 | 5.1 | 4.7 | 9.2 | 9.4 | 9.9 |
| | କଳାହାଣ୍ଡି | 4.8 | 40.6 | 0.4 | 32.8 | 1 | 3.8 | 8.3 | 11 | 19 | 24.8 |
| | ବଲାଙ୍ଗିର | 0.2 | 0.6 | | | | 3.6 | 6.6 | 14 | 26 | 26.8 |
| ବର୍ଷା ପରିମାଣ ଓ ରଙ୍ଗସଂକେତ | | ୦.୧ରୁ ୨.୪ ମିମି | | ୨.୫ ରୁ ୧୫.୫ ମିମି | | ୧୫.୬ ରୁ ୬୪.୪ ମିମି | | ୬୪.୫ ରୁ ୧୧୫.୫ ମିମି | | ୧୧୫.୬ ରୁ ୨୦୪.୪ ମିମି | |
| ବର୍ଷାପ୍ରକାର | | ଅତିଅଳ୍ପବର୍ଷା | | ଅଳ୍ପବର୍ଷା | | ସାଧାରଣବର୍ଷା | | ପ୍ରବଳବର୍ଷା | | ଅତିପ୍ରବଳବର୍ଷା | |

**କପା ଫସଲର ଅବସ୍ଥା:**

ଓଡ଼ିଶାରେ କପା ଫସଲ ୩୬ ରୁ ୪୦ ଦିନ ଅବସ୍ଥାରେ କଢ ଧରିବା ଅବସ୍ଥାରେ ଅଛି।କୋଡ। ଖୋସା କରିବା, ଦ୍ୱିତୀୟ ଦଫା ସାର ପ୍ରୟୋଗ କରିବା ଓ ଘାସମରା ଔଷଧ ପ୍ରୟୋଗ, ହୁଡା ଦେବା, ସବୁଜ ଖତ ପାଇଁ ଚାଷ କରା ଯାଇଥିବା ଛଣି ଫସଲକୁ ମାଟିରେ ମିଶାଇବା ଆଦି କାମ ଚାଲିଛି ।ପ୍ରାୟ ସମସ୍ତ ପ୍ରକାର ଘାସ ଯଥା ବଡ ପତ୍ର, ସରୁ ପତ୍ର ଓ ମୁଥା ଜାତୀୟ ଘାସ ଉଠିଛି କିନ୍ତୁ ଘାସମରା ଔଷଧ ପ୍ରୟୋଗ କରାଯାଇଥିବାରୁ ନିୟନ୍ତ୍ରଣରେ ଅଛି। କେତକ ସ୍ଥାନରେ ଜଉ ପୋକ ଓ ଲଗାଣ ବର୍ଷା ହେବା ଫଳରେ ଝଉଂଳା ରୋଗ ଲାଗିବାର ସୂଚନା ରହିଛି ।

**ମୃତ୍ତିକାର ସ୍ୱାସ୍ଥ, ରୋଗ ପୋକ, ଓ ଖାଦ୍ୟସାର ପରିଚାଳନା ଉପରେ ସାଧାରଣ ପରାମର୍ଶ**
କପା ଫସଲରୁ ଅଧିକ ଅମଳ ପାଇବା ପାଇ ସମତୁଲ ଖାଦ୍ୟସାର ଓ ସମନ୍ୱିତ ରୋଗ ପୋକ ପରିଚାଳନା କରିବା ନିହାତି ଦରକାର।

ଏହା ଦ୍ୱାରା କପା ଗଛର ଭଲ ବୃଦ୍ଧି ହେବା ସହିତ ଖରଚ କମ ହୋଇଥାଏ ଏବଂ ରୋଗ ଓ ପୋକ ଦାଉରୁ ଫସଲକୁ ରକ୍ଷା କରାଯାଇଥାଏ ।
**ମୃତ୍ତିକାର ସ୍ୱାସ୍ଥ ଓ ଖାଦ୍ୟସାର ପରିଚାଳନା**
**ମୁଖ୍ୟ ଖାଦ୍ୟସାରର ସଠିକ ପରିଚାଳନା:**
କିଛି ବର୍ଷ ଅନ୍ତରରେ ଫସଲ ପରିବର୍ତନ କରିବ, ମାଟି ପରୀକ୍ଷା କରି ସଠିକ ପରିମାଣରେ ରାସାୟନିକ ସାରପ୍ରୟୋଗ କରିବା ଓ ଅଧିକ ପରିମାଣରେ ଜୈବିକପଦାର୍ଥ ବ୍ୟବହାର କରିବା
**ଅନୁସାରର ବ୍ୟବହାର**
ଜିଙ୍କ, ବୋରନ, ମ୍ୟାଗନେଶିୟମ ଓ ମାଙ୍ଗାନିଜ ଭଳି ଅନୁସରର ଅଭାବ ଦୂର କରିବା ପାଇଁ ସଠିକ ସମୟରେ ଓ ସଠିକ ମାତ୍ରାରେ ପାତ୍ର

ସିଂଚନ କରିବା ଉଚିତ ।
**ସମନ୍ୱିତ ରୋଗ ପରିଚାଳନା**
**ପ୍ରତିଷେଧକ ବ୍ୟବସ୍ଥା ଆପଣେଇବା:**
ଉଭୟଚେରଓପତ୍ରକୁଆକ୍ରମଣକରୁଥିବାଜୀବାଣୁମାନଙ୍କୁନିୟନ୍ତ୍ରଣକରିବାପାଇଁଜମିକୁଭଲଭାବରେପ୍ରସ୍ତୁତକରିବାଓସଫାରଖିବା, ଅଧିକପରିମାଣରେଜୈବିକକୀଟଓଫିମପିନାଶକଏବଂଯିବାନୁସାରପ୍ରୟୋଗକରିବାଦରକାର ।
**ଗଛରେ ଲାଗୁଥିବା ରୋଗ ନିୟନ୍ତ୍ରଣ:**
ବାୟୁମଣ୍ଡଳରେଅଧିକଆଦ୍ରତାଥିବାସମୟରେଅଧିକରୋଗସଂକ୍ରମଣହେବାରଆଶଙ୍କାଥିବାରୁପ୍ରତିଦିନକ୍ଷେତ୍ରପରିଦର୍ଶନକରିବାଉଚିତ।କୌଣସିରୋଗଅତିମାତ୍ରାରେଫସଲକୁକ୍ଷତିକରିବାରଆଶଙ୍କାଥିଲେସଠିକଔଷଧକୁସଠିକମାତ୍ରାରେପ୍ରୟୋଗକରିବାଉଚିତ।
**ସମନ୍ୱିତ ପୋକ ପରିଚାଳନା**
**ନିୟମିତ କ୍ଷେତ୍ରପରିଦର୍ଶନ କରିବା:**
ଫସଲରବୃଦ୍ଧିସମୟରେନିୟମିତକ୍ଷେତ୍ରପରିଦର୍ଶନକରିବାଦ୍ୱାରାଏହିରେଲାଗୁଥିବାଲକଡପୋକ, ପତ୍ରାଦିଅଁପୋପୋକ, ପତ୍ରଉକୁଣି, ଧଳାମାଛିଭଳିଶୋଷକପୋକଓବକରିବିନ୍ଧାପୋକରଆକ୍ରମଣବିଷୟରେଜାଣିପାରିବସହିତଉଚିତନିୟନ୍ତ୍ରଣବ୍ୟବସ୍ଥାକରିହେବ
**ସଙ୍ଗଆକର୍ଷକ ଜନ୍ତା ଓ ଜୈବକୀଟନାଶକର ବ୍ୟବହାର:**
ଫସଲରପ୍ରାଥମିକଅବସ୍ଥାରେସଙ୍ଗଆକର୍ଷଜନ୍ତାବସାଇବାଦ୍ୱାରାପୋକମାନଙ୍କରଗତିବିଧିଓଅଣ୍ଡାଦେବାବିଷୟରେସୂଚନାମିଳିପାରିବ।ପୋକନିୟନ୍ତ୍ରଣପାଇଁପ୍ରଥମରୁରାସାୟନିକକୀଟନାଶକବ୍ୟବହାରନକରିଜୈବକୀଟନାଶକତଥାନିମ୍ବଔଷଧବ୍ୟବହାରକରିବାଉଚିତ ।

**ଉପକାରୀ କୀଟ ଗୁଡିକର ସଂରକ୍ଷଣ:**
ଉପକାରୀକୀଟଗୁଡିକରସଂରକ୍ଷଣକରିବାଦ୍ୱାରାଅପକାରୀକୀଟମାନଙ୍କୁନିୟନ୍ତ୍ରଣକରାଯାଇପାରିବ,
ସେଥିପାଇଁପ୍ରଥମରୁକୌଣଶୀରାସାୟନିକକୀଟନାଶକବ୍ୟବହାରକରିବାଅନୁଚିତ।

**ରାସାୟନିକ କୀଟନାଶକର କମବ୍ୟବହାର:**
ପୋକର ପ୍ରକାର ଭେଦ ଓ ଆର୍ଥିକ ଦହେଳି ସୀମା ଅନୁସାରେ ଅନୁମୋଦିତ ରାସାୟନିକ କୀଟନାଶକ ବ୍ୟବହାର କରାଯିବ ଉଚିତ।

**ସ୍ଥାନୀୟ ପରାମର୍ଶ:**
ଓଡିଶାରେ କପା ଫସଲ ୩୬ ରୁ ୪୦ ଦିନ ଅବସ୍ଥାରେ କଢ ଧରିବା ଅବସ୍ଥାରେ ଅଛି। କୋଡା ଖୋସା କରି ଘାସ ବାଛି ଦିଅନ୍ତୁ। ଦ୍ୱିତୀୟ ଦଫା ସାର ହିସାବରେ ୫୦% ଯାବକ୍ଷାରଜନ ଓ ୫୦% ପୋଟାସ ସାର ପ୍ରୟୋଗ କରନ୍ତୁ। ଜମିରୁ ଅଧିକ ବର୍ଷା ପାଣି ନିଷ୍କାସନ ପାଇଁ ନାଳୀର ବ୍ୟବସ୍ଥା କରନ୍ତୁ।ଜମିର ପାଗ ଓଦା ଥିଲେ ଓ କୋଡା ଖୋସା କରି ଘାସ ବାଛି ନ ପାରିଲେ ୧ ଲିଟର ପାଣିରେ ୨ ମିଲି କ୍ୱିଜାଲ୍ଫୋପ ଇଥାଇଲ ୫% ଇସି ( ସରୁ ପତ୍ର ଘାସ ପାଇଁ) ସହିତ ୧.୫ ମିଲି ପାଇରିଥାଅବକ ସୋଡିୟମ ୧୦% ଇସି (ବଡ ପତ୍ର ଘାସ ପାଇଁ) ଘାସମରା ଔଷଧ ସିଂଚନ କରନ୍ତୁ। ରୋଗ ଓ ପୋକ ଆକ୍ରମଣର ଅବସ୍ଥା ଜାଣିବା ପାଇଁ ନିୟମିତ ଭାବରେ ଫସଲ ସବେକ୍ଷଣ କରନ୍ତୁ। ସୋଶୋକ ପୋକ ଯଥା ଜଉ ପୋକ ନ ଲାଗିବା ପାଇଁ ୧୦ ଲିଟର ପାଣିରେ ୩୦ ମିଲି ନିମ୍ବ ଔଷଧ(୧୫୦୦ PPM) ସିଂଚନ କରନ୍ତୁ। କପା ଫସଲ 60 ଦିନର ହେବ ପରେ କିମ୍ବା ଯଉ ପୋକ ସଂଖ୍ୟା ଆର୍ଥିକ ଦହେଳି ସୀମା ଅତିକ୍ରମ କଲେ ( ୧୦ % ଗଛ ଆକ୍ରାନ୍ତ ହେଲେ) ୧୦ ଲିଟର ପାଣିରେ ୨୦ ମିଲି ବୁପ୍ରୋଫେଜିନ କୀଟନାଶକ ଔଷଧ ସିଂଚନ କରନ୍ତୁ।ଲେଡା ପୋକର ଆକ୍ରମଣ ବିଷୟରେ ଜାଣିବା ପାଇଁ ହେକ୍ଟର ପିଛା 5 ଟି ସାଙ୍ଗ ଆକର୍ଷକ ଜନତା ବସାନ୍ତୁ ।ଝେଉଂଲା ରୋଗର ନିୟନ୍ତ୍ରଣ ପାଇଁ ଲିଟର ପିଛା 10 ମି ଗ୍ରା ହିସାବରେ କୋବଲ୍ଟ କ୍ଲୋରାଇଡ ଅଉଷସଧ ସିଂଚନ କରନ୍ତୁ କିମ୍ବା ୧୦୦ ଲିଟର ପାଣିରେ ୨୫୦ ଗ୍ରାମ କୋପର ଆକ୍ସିକ୍ଲୋରଇଡ ୫୦% WP କିମ୍ବା ୧୦୦ ଗ୍ରାମ୍ କରବେନଦାଜିମ ୫୦% WP ସହିତ ୨ କିଗ୍ରା ୟୁରିୟା ସାର ମିଶାଇ ଗଛ ମୂଳରେ ସିଂଚନ କରନ୍ତୁ।କଢ ଓ ଫୁଲ ଝଡିବା କମ କରିବା ପାଇଁ କପ ଲଗାଇବାର ୪୫ ଦିନ ପରେ ୧୫ ଲିଟର ପାଣିରେ ୩.୫ ମିଳି ହିସାବରେ ଆଲଫା ନପ୍ଥାଲିକ ଏସିଟିକ ଏସିଡ (ପ୍ଲାନୋଫିକ୍ସ) ସିଂଚନ କରନ୍ତୁ।

ଉନ୍ନତ କପା ଉତ୍ପାଦନ ପ୍ରଣାଳୀ ଯଥା ମୃତ୍ତିକା ଓ ବିହନ ଚୟନ,ସାରପ୍ରୟୋଗ,ବୁଣିବା ପଦ୍ଧତି,ଜଳସେଚନ ଓ ଘାସ ପରିଚାଳନା,ରୋଗ ପୋକ ପରିଚାଳନା ଇତ୍ୟାଦି ଗୋଟିଏ ଅଣ୍ଡ୍ରୋଏଡ ଆଧାରିତ (ସିଆଇସିଆର କଟନଆପ(CICR Cotton App ଯାହାକି ଆଇସିଏଆର-ସିଆଇସିଆର, ନାଗପୁର ଦ୍ୱାରା ପ୍ରସ୍ତୁତ କରାଯାଇଛି ସେଥିରୁ ମିଳିପାରିବ।ଗୁଗଲ ପ୍ଲେଷ୍ଟୋରରୁ ଏହି ଆପକୁ ମାଗଣାରେ ଡାଉନଲୋଡ କରାଯାଇପାରିବ।ଏହାଛଡା ଫସଲର ଅବସ୍ଥା ଓ ପାଣିପାଗ ଭିତ୍ତିକ ସାପ୍ତାହିକ ପରାମର୍ଶ ଗୁଡିକ ଆଇସିଏଆର-ସିଆଇସିଆ ରୱେବ୍‌ସାଇଟ (https://cicr.org.in/resource-weekly-advisory) ରେ ଅପଲୋଡ କରାଯାଉଛି,ଯାହା ସବୁଚାଷୀମାନଙ୍କ ଉପକାର ପାଇଁ ମଧ୍ୟ ମିଳିପାରିବ।